# ଜି. ଟି. ଏନ୍. ଟେକ୍ସଟାଇଲ୍ସ ଲିମିଟେଡ୍ ଏବଂ ଅନ୍ୟଜଣେ ଇତ୍ୟାଦି ଇତ୍ୟାଦି

## ବନାମ

## ସହ ନିର୍ଦ୍ଦେଶକଗଣ, ଆର୍. ଓ. ଟି. କମିଶନର୍ ଏବଂ ଅନ୍ୟମାନେ ଇତ୍ୟାଦି ଇତ୍ୟାଦି

## ମାର୍ଚ୍ଚ 17, 1993

## [କୁଲଦିପ ସିଂହ ଏବଂ ଏନ୍. ଏମ୍. କାସଲିୱାଲ, ନ୍ୟାୟମୂର୍ତ୍ତିଦ୍ୱୟ]

*ଅତ୍ୟାବଶ୍ୟକ ସାମଗ୍ରୀ ଅଧିନିୟମ, 1955:*

*ଧାରା 3 - ବୟନ ନିୟନ୍ତ୍ରଣ ଆଦେଶ, 1986 - ଖଣ୍ଡ 16 ଏବଂ ଏହା ଅଧୀନରେ ଜାରି ହୋଇଥିବା ଅଧିସୂଚନା - ବୟନ ଆୟୁକ୍ତ ପ୍ୟାକିଂର ପଦ୍ଧତି ନିର୍ଦ୍ଧାରଣ କରିବା - ଏହାର ସାମ୍ବିଧାନିକ ବୈଧତା ।*

*ଭାରତର ସମ୍ବିଧାନ, 1950:*

*ଅନୁଚ୍ଛେଦ 14 ଏବଂ 19 (1) (g) - ବୟନ (ନିୟନ୍ତ୍ରଣ) ଆଦେଶ, 1986 - ଖଣ୍ଡ 16 ଏବଂ ଏହା ଅଧୀନରେ ଜାରି ହୋଇଥିବା ଅଧିସୂଚନା - ବୟନ ଆୟୁକ୍ତ ସୂତା ପ୍ୟାକିଂ କରିବାର ପଦ୍ଧତି ନିର୍ଦ୍ଧାରଣ କରିବା - ଏହା ଉଲ୍ଲଙ୍ଘନ କରୁଛି କି ନାହିଁ ।*

ଅପିଲକାରୀ-କଳ ଦ୍ୱାରା ବିଭିନ୍ନ ପ୍ରକାରର କପା ସୂତା ଉତ୍ପାଦିତ ହୋଇଥିଲା । ସୂତାର ପ୍ୟାକିଂ ମୁଖ୍ୟତଃ ଦୁଇଟି ଆକାରରେ କରାଯାଉଥିଲା, ଯଥା: କୋନ୍ ଆକାର, ଯାହା କଳତନ୍ତ ଏବଂ ଅନ୍ତର୍ବସ୍ତ୍ର ଶିଳ୍ପରେ ବ୍ୟବହୃତ ହେଉଥିଲା ଏବଂ ଗୁଳା ଆକାର, ଯାହା କେବଳ ହସ୍ତତନ୍ତ ଶିଳ୍ପ ଦ୍ୱାରା ବ୍ୟବହୃତ ହେଉଥିଲା । କୋନ୍ ଆକାରରେ ପ୍ୟାକିଂ ପାଇଁ 'ରିଙ୍ଗ୍ ଫ୍ରେମ୍ କପ୍' ଗୁଡ଼ିକୁ ୱାଇଣ୍ଡିଂ ମେସିନ୍‌ରେ ଦିଆଯାଉଥିଲା ଏବଂ ଗୁଳା ଆକାରରେ ପ୍ୟାକିଂ ପାଇଁ ସେହି କପ୍‌ଗୁଡ଼ିକୁ ରିଲିଂ ମେସିନ୍‌ରେ ଦିଆଯାଉଥିଲା । ଅପିଲକାରୀମାନେ କେବଳ କୋନ୍ ଆକାରରେ ସୂତା ପ୍ୟାକିଂ କରୁଥିଲେ । ଯେହେତୁ ସେମାନେ ରିଲିଂ ମେସିନ୍ ସ୍ଥାପନ କରିନଥିଲେ, ତେଣୁ ସେମାନେ ଗୁଳା ଆକାରରେ ସୂତା ପ୍ୟାକିଂ କରିପାରୁନଥିଲେ ।

ଅତ୍ୟାବଶ୍ୟକ ସାମଗ୍ରୀ ଅଧିନିୟମ, 1955 ର ଧାରା 3 ଅନୁଯାୟୀ କ୍ଷମତା ପ୍ରୟୋଗ କରି ସରକାରଙ୍କ ଦ୍ୱାରା ବୟନ (ନିୟନ୍ତ୍ରଣ) ଆଦେଶ, 1986 ଜାରି କରାଯାଇଥିଲା । ଉକ୍ତ ଆଦେଶର

ଖଣ୍ଡ 16, ବୟନ ଆୟୁକ୍ତଙ୍କୁ ସୂତାକୁ ଗୁଳା, କୋନ୍ କିମ୍ବା ଅନ୍ୟ କୌଣସି ଆକାରରେ ଏବଂ ସେ ଯେଉଁ ଅନୁପାତରେ ଆବଶ୍ୟକ କିମ୍ବା ଉଚିତ ମନେ କରିବେ, ସେହି ଅନୁସାରେ ପ୍ୟାକିଂ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିବାର କ୍ଷମତା ପ୍ରଦାନ କରିଥିଲା । ଏହା ବୟନ ଆୟୁକ୍ତଙ୍କ ଦ୍ୱାରା କ୍ଷମତାର ପ୍ରୟୋଗ ପାଇଁ ସମ୍ପୂର୍ଣ୍ଣ ମାର୍ଗଦର୍ଶିକା ମଧ୍ୟ ଧାର୍ଯ୍ୟ କରିଥିଲା । 1986 ଆଦେଶର ଖଣ୍ଡ 16 ଅନୁଯାୟୀ ନିଜ କ୍ଷମତାର ପ୍ରୟୋଗ କରି ବୟନ ଆୟୁକ୍ତ ତା 29.3.90 ରିଖରେ ଏକ ଅଧିସୂଚନା ଜାରି କରିଥିଲେ, ଯାହାକୁ ତା 11.5.90 ଏବଂ 17.5.90 ରିଖରେ ସଂଶୋଧନ କରାଯାଇଥିଲା । ସେହି ଅଧିସୂଚନା ଅନୁଯାୟୀ, ପ୍ରତ୍ୟେକ ସୂତା ଉତ୍ପାଦନକାରୀ ନିଜର ମୋଟ ଉତ୍ପାଦନର ଅତିକମରେ 50 ପ୍ରତିଶତ ସୂତାକୁ ସାଧାରଣ ଉପଭୋଗ ନିମନ୍ତେ ପ୍ରତି ଅର୍ଦ୍ଧବାର୍ଷିକ ଅବଧିରେ ଗୁଳା ଆକାରରେ ପ୍ୟାକିଂ କରିବା ଉଚିତ ।

ଅପିଲକାରୀମାନେ ଉଚ୍ଚ ନ୍ୟାୟାଳୟରେ ଆଜ୍ଞାଦେଶ ଆବେଦନ ଦାୟର କରି ବୟନ (ନିୟନ୍ତ୍ରଣ) ଆଦେଶ, 1986 ର ଖଣ୍ଡ 16 ଏବଂ ଏହା ଅଧୀନରେ ଜାରି କରାଯାଇଥିବା ଅଧିସୂଚନାର ସାମ୍ବିଧାନିକ ବୈଧତାକୁ ଆପତ୍ତି କରିଥିଲେ । ସେହି ଆଜ୍ଞାଦେଶ ଆବେଦନଗୁଡ଼ିକ ଖାରଜ ହୋଇଯାଇଥିଲା ଏବଂ ଅପିଲକାରୀ-କଳଗୁଡ଼ିକ ବର୍ତ୍ତମାନର ଏହି ଅପିଲ ଦାୟର କରିଥିଲେ ।

ଅପିଲକାରୀମାନେ ଯୁକ୍ତି ଦର୍ଶାଇଥିଲେ ଯେ, ବୟନ (ନିୟନ୍ତ୍ରଣ) ଆଦେଶ, 1948 ଅଧୀନରେ ଜାରି କରାଯାଇଥିବା ତା 29.6.1979 ରିଖର ଏକ ସମାନ ଅଧିସୂଚନାକୁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ରଦ୍ଦ କରାଯାଇଥିଲା ଏବଂ ଉକ୍ତ ରାୟକୁ ଏହି ନ୍ୟାୟାଳୟ ମଧ୍ୟ କାୟମ ରଖିଛନ୍ତି, ତେଣୁ ଉତ୍ତରଦାତାମାନେ ସେହି ରାୟ ଦ୍ୱାରା ବାଧ୍ୟ ଥିଲେ ଏବଂ ସମାନ ସର୍ତ୍ତରେ ଏକ ନୂତନ ଅଧିସୂଚନା ଜାରି କରିବାକୁ ବୟନ ଆୟୁକ୍ତଙ୍କର କୌଣସି ଅଧିକାର ନଥିଲା; ଏବଂ ଅପିଲକାରୀମାନଙ୍କୁ ଏପରି କିଛି ଉତ୍ପାଦନ କରିବାକୁ ବାଧ୍ୟ କରାଯାଇପାରିବ ନାହିଁ ଯେଉଁଥିପାଇଁ ସେମାନେ ଆବଶ୍ୟକ ଯନ୍ତ୍ରପାତି ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ସ୍ଥାପନ କରିନାହାନ୍ତି । ଏହା ମଧ୍ୟ ଯୁକ୍ତି କରାଯାଇଥିଲା ଯେ ଏହି ଅଧିସୂଚନା ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 14 ଏବଂ 19 (1) (g) ର ଉଲ୍ଲଂଘନ କରିଥିଲା ।

ଏହି ଅପିଲଗୁଡ଼ିକୁ ଖାରଜ କରି, ଏହି ନ୍ୟାୟାଳୟ

**ନିର୍ଣ୍ଣୟ ନେଇଥିଲେ ଯେ: 1. ବର୍ତ୍ତମାନ ଆପତ୍ତି କରାଯାଇଥିବା ଅଧିସୂଚନାଟି ବୟନ (ନିୟନ୍ତ୍ରଣ) ଆଦେଶ, 1986 ର ଖଣ୍ଡ 16 (1) ଅଧୀନରେ ଜାରି କରାଯାଇଛି । 1948 ଆଦେଶର ଖଣ୍ଡ 21 (5) ପରି ନୁହେଁ, ବରଂ 1986 ଆଦେଶର ଖଣ୍ଡ 16 (1) ର ପ୍ରାବଧାନ ବୟନ ଆୟୁକ୍ତଙ୍କୁ ଏହା ଅଧୀନରେ ନିର୍ଦ୍ଦେଶନାମା ଜାରି କରିବା ପାଇଁ ସମ୍ପୂର୍ଣ୍ଣ ମାର୍ଗଦର୍ଶିକା ପ୍ରଦାନ କରିଥାଏ । [409G- H]**

*ଶ୍ରୀ ରାଣୀ ଲକ୍ଷ୍ମୀ ଜି. ଏସ୍. ଆଣ୍ଡ ଡବ୍ଲୁ. ମିଲ୍ସ ପ୍ରାଇଭେଟ୍ ଲିମିଟେଡ୍ ଏବଂ ଅନ୍ୟମାନେ ବନାମ ବୟନ ଆୟୁକ୍ତ, ବମ୍ବେ ଏବଂ ଅନ୍ୟମାନେ,* **AIR 1986 ମାଡ୍ରାସ 66 ମାମଲାଟି ପ୍ରଭେଦନୀୟ ।**

**2. ଭାରତର ସବୁଠାରୁ ବଡ଼ କୁଟୀର ଶିଳ୍ପରେ ନିୟୋଜିତ ହସ୍ତତନ୍ତ କର୍ମୀମାନଙ୍କୁ ଉଚିତ ମୂଲ୍ୟରେ ପର୍ଯ୍ୟାପ୍ତ ପରିମାଣର ଗୁଳା ସୂତା ଉପଲବ୍ଧ କରାଇବା ଏବଂ ସେମାନଙ୍କର ଜୀବିକା ରକ୍ଷା ନିମନ୍ତେ, ସୂତା ଉତ୍ପାଦନକାରୀମାନଙ୍କ ପାଇଁ ସେମାନଙ୍କର ମୋଟ ଉତ୍ପାଦନର ଏକ ନିର୍ଦ୍ଦିଷ୍ଟ ଶତକଡ଼ା ଭାଗ ଗୁଳା ଆକାରରେ ପ୍ୟାକିଂ କରିବା ବାଧ୍ୟତାମୂଳକ କରି ହସ୍ତତନ୍ତ ଉଦ୍ୟୋଗ ପାଇଁ ଗୁଳା ସୂତା ସଂରକ୍ଷିତ ରଖିବା ଆବଶ୍ୟକ ହୋଇପଡ଼ିଥିଲା । ତେଣୁ, ଏହି ଅଧିସୂଚନା ସାଧାରଣ ଜନତାଙ୍କ ସ୍ୱାର୍ଥରେ ଏବଂ ବୟନଶିଳ୍ପର ବୃହତ ସ୍ୱାର୍ଥରେ ଜାରି କରାଯାଇଛି ଏବଂ ଏହା ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 19 (1) (g) ର ଉଲ୍ଲଂଘନ କରୁନାହିଁ । [411B- C]**

**3. ଶିଳ୍ପ ଲାଇସେନ୍ସର ଖଣ୍ଡ 4 ଅଧୀନରେ ଲାଇସେନ୍ସ ନେବା ସମୟରେ ଗୁଳା ଆକାରରେ ସୂତା ପ୍ୟାକିଂ କରିବାର ସର୍ତ୍ତକୁ ଗ୍ରହଣ କରିଥିବା ଅପିଲକାରୀମାନେ ବର୍ତ୍ତମାନ ସେଥିରୁ ଓହରି ଯାଇ କହିପାରିବେ ନାହିଁ ଯେ ସେମାନେ ସେହି ସର୍ତ୍ତ ଦ୍ୱାରା ବାଧ୍ୟ ନୁହଁନ୍ତି ।**

**4. ଏଥିରେ ସମ୍ବିଧାନର ଅନୁଚ୍ଛେଦ 14 ର କୌଣସି ଉଲ୍ଲଂଘନ ହୋଇନାହିଁ କାରଣ ଏହି ଅଧିସୂଚନା ସମସ୍ତ ସୂତା ଉତ୍ପାଦନକାରୀଙ୍କ ପାଇଁ ସମାନ ଭାବେ ଲାଗୁ କରାଯାଇଛି । ସମ୍ପୃକ୍ତ ମିଲ୍ ଦ୍ୱାରା ପ୍ୟାକିଂ କରାଯାଉଥିବା ମୋଟ ସୂତାକୁ ଦୃଷ୍ଟିରେ ରଖି, ଅଧିସୂଚନାରେ ଦିଆଯାଇଥିବା ଅନୁପାତରେ ଅପିଲକାରୀମାନଙ୍କୁ ଗୁଳା ଆକାରରେ ସୂତା ପ୍ୟାକିଂ କରିବା ଆବଶ୍ୟକ । ଯାହା ହେଉନା କାହିଁକି, ବୟନ ଆୟୁକ୍ତଙ୍କ ଦ୍ୱାରା ମେ 11, 1990 ରେ ଜାରି କରାଯାଇଥିବା ପ୍ରେସ ନୋଟ୍ ମାଧ୍ୟମରେ ଅପିଲକାରୀମାନଙ୍କ ସମସ୍ୟାକୁ ଯଥେଷ୍ଟ ପରିମାଣରେ ହ୍ରାସ କରାଯାଇଛି, ଯେଉଁଥିରେ ଅନ୍ୟ ଏକ ଉତ୍ପାଦନକାରୀଙ୍କ ବଳକା ସୂତା ପ୍ୟାକିଂକୁ ହସ୍ତାନ୍ତର କରି ନିଜର ବାଧ୍ୟତାମୂଳକ କୋଟା**

**ପୂରଣ କରିବା ଏବଂ ଅଧିକ ରିଲିଂ କ୍ଷମତା ଥିବା ଅନ୍ୟ ଏକ ଉତ୍ପାଦନକାରୀଙ୍କ ମାଧ୍ୟମରେ ଗୁଳା ସୂତା ପ୍ରସ୍ତୁତ କରାଇବା ପାଇଁ ଅନୁମତି ଦିଆଯାଇଛି । [411G- H; 412A]**

ଦେୱାନୀ ଅପିଲୀୟ ଅଧିକାରିତା: ଦେୱାନୀ ଅପିଲ ସଂଖ୍ୟା 1334-43/1993 ।

ଆଜ୍ଞାଦେଶ ଆବେଦନ ସଂଖ୍ୟା 9133, 8920, 8074, 7932 ଏବଂ 11119/90, 8113/91 (ଦିନାଙ୍କ 31.10. 91), 8201/90, 8987/91 (ଦିନାଙ୍କ 30.10 91), 9165 ଏବଂ 7656/1990 ରେ ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କ ଦିନାଙ୍କ 29.10.1991 ର ରାୟ ଏବଂ ଆଦେଶରୁ ଅପିଲ ।

ଅପିଲକାରୀମାନଙ୍କ ତରଫରୁ କେ. କେ. ଭେଣୁଗୋପାଳ, ସି. ଏସ୍. ବୈଦ୍ୟନାଥନ, ବିଜୟନାରାୟଣ ଏବଂ ସୁଶ୍ରୀ ବିଜୟଲକ୍ଷ୍ମୀ ମେନନ ।

ଉତ୍ତରଦାତାମାନଙ୍କ ତରଫରୁ କେ. ସ୍ୱାମୀ ଏବଂ ସୁଶ୍ରୀ ଏ. ସୁଭାଶିନୀ ।

ନ୍ୟାୟାଳୟଙ୍କ ରାୟ **ନ୍ୟାୟମୂର୍ତ୍ତି କୁଲଦିପ ସିଂହଙ୍କ** ଦ୍ୱାରା ପ୍ରଦାନ କରାଯାଇଥିଲା । ସମସ୍ତ ଆବେଦନରେ ବିଶେଷ ଅନୁମତି ମଞ୍ଜୁର କରାଗଲା ।

ଅପିଲକାରୀ-ଆବେଦନକାରୀମାନେ, ଆନ୍ଧ୍ରପ୍ରଦେଶ ଉଚ୍ଚ ନ୍ୟାୟାଳୟରେ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 226 ଅଧୀନରେ ଆଜ୍ଞାଦେଶ ଆବେଦନ ଦାୟର କରି ବୟନ (ନିୟନ୍ତ୍ରଣ) ଆଦେଶ, 1986 (1986 ଆଦେଶ) ର ଖଣ୍ଡ 16 ଏବଂ ଏହା ଅଧୀନରେ ବୟନ ଆୟୁକ୍ତଙ୍କ ଦ୍ୱାରା 29 ମାର୍ଚ୍ଚ 1990 ରେ ଜାରି ହୋଇଥିବା ଏବଂ 11 ମଇ ଓ 17 ମଇ, 1990 ରେ ସଂଶୋଧିତ ଅଧିସୂଚନା (ଅଧିସୂଚନା) ର ସାମ୍ବିଧାନିକ ବୈଧତାକୁ ଆପତ୍ତି କରିଥିଲେ । ଉଚ୍ଚ ନ୍ୟାୟାଳୟ ଅକ୍ଟୋବର 29, 1991 ରେ ଦେଇଥିବା ଏହାର ରାୟ ଦ୍ୱାରା ଆଜ୍ଞାଦେଶ ଆବେଦନଗୁଡ଼ିକୁ ଖାରଜ କରିଦେଇଥିଲେ । ଉଚ୍ଚ ନ୍ୟାୟାଳୟଙ୍କ ଏହି ରାୟ ବିରୁଦ୍ଧରେ ବର୍ତ୍ତମାନ ଏହି ଅପିଲଗୁଡ଼ିକୁ ବିଶେଷ ଅନୁମତି ମାଧ୍ୟମରେ ଦାୟର କରାଯାଇଛି ।

ଅପିଲକାରୀମାନେ ହେଉଛନ୍ତି ଆନ୍ଧ୍ରପ୍ରଦେଶର ସୂତା କଟା ଏବଂ ବୁଣା କଳ । ଏହି କଳଗୁଡ଼ିକ ଦ୍ୱାରା ଉତ୍ପାଦିତ କପା ସୂତା ବିଭିନ୍ନ ପ୍ରକାରର ଅଟେ । ଗଣନା ଆଧାରରେ ଏହାର ବର୍ଗୀକରଣ କରାଯାଇଛି । 1 ରୁ 40 ଗଣନା ଥିବା ସୂତା ମୋଟା, 40 ରୁ 60 ମଧ୍ୟମ, 60 ରୁ 100

ମଧ୍ୟରେ ସୂକ୍ଷ୍ମ ଏବଂ 100 ରୁ ଅଧିକ ଗଣନା ଥିବା ଯେକୌଣସି ସୂତାକୁ ଅତି ସୂକ୍ଷ୍ମ ବୋଲି ବର୍ଣ୍ଣନା କରାଯାଇଛି । ସୂତା ପ୍ୟାକିଂ କରିବାର ଦୁଇଟି ପଦ୍ଧତି ଅଛି । ଗୋଟିଏ ହେଉଛି କୋନ୍ ଆକାରର ପ୍ୟାକିଂ ଯାହା କଳତନ୍ତ ଏବଂ ଅନ୍ତର୍ବସ୍ତ୍ର ଶିଳ୍ପରେ ବ୍ୟବହୃତ ହୁଏ । ଅନ୍ୟଟି ହେଉଛି ଗୁଳା ଆକାରର ପ୍ୟାକିଂ ଯାହା କେବଳ ହସ୍ତତନ୍ତ ଶିଳ୍ପ ଦ୍ୱାରା ବ୍ୟବହୃତ ହୁଏ । ସୂତା କାଟିବା ଏବଂ ପ୍ୟାକିଂ କରିବା ହେଉଛି ସୂତା ଉତ୍ପାଦନର ଦୁଇଟି ପର୍ଯ୍ୟାୟ । ସୂତା କାଟିବା ପ୍ରକ୍ରିୟା ଶେଷ କରିବା ପାଇଁ କଞ୍ଚା କପାକୁ ବ୍ଲୋ-ରୁମ୍, କାର୍ଡିଂ, ଡ୍ରଇଂ, ସିମ୍ପ୍ଲେକ୍ସ ଏବଂ ଶେଷରେ ରିଙ୍ଗ୍ ଫ୍ରେମ୍ ଦେଇ ଗତି କରିବାକୁ ପଡ଼ିଥାଏ । ଏହାପରେ ପ୍ୟାକିଂ ପ୍ରକ୍ରିୟା ଆରମ୍ଭ ହୋଇଥାଏ । କୋନ୍ ଆକାରରେ ପ୍ୟାକିଂ ପାଇଁ ରିଙ୍ଗ୍ ଫ୍ରେମ୍ କପ୍‌ଗୁଡ଼ିକୁ ୱାଇଣ୍ଡିଂ ମେସିନ୍‌ରେ ଦିଆଯାଉଥିଲା ଏବଂ ଗୁଳା ଆକାରରେ ପ୍ୟାକିଂ ପାଇଁ ସେହି କପ୍‌ଗୁଡ଼ିକୁ ରିଲିଂ ମେସିନ୍‌ରେ ଦିଆଯାଉଥିଲା । ଅପିଲକାରୀମାନଙ୍କ କହିବା ଅନୁଯାୟୀ, ସେମାନେ କେବଳ କୋନ୍ ଆକାରରେ ସୂତା ପ୍ୟାକିଂ କରୁଛନ୍ତି ।  ଯେହେତୁ ସେମାନେ ରିଲିଂ ମେସିନ୍ ସ୍ଥାପନ କରିନାହାଁନ୍ତି, ତେଣୁ ଗୁଳା ଆକାରରେ ସୂତା ପ୍ୟାକିଂ କରିବା ସେମାନଙ୍କ ପକ୍ଷେ ସମ୍ଭବ ନୁହେଁ ।

ଅତ୍ୟାବଶ୍ୟକ ସାମଗ୍ରୀ ଅଧିନିୟମ, 1986 ର ଧାରା 3 ଅଧୀନରେ ଏହାର କ୍ଷମତା ପ୍ରୟୋଗ କରି ଭାରତ ସରକାରଙ୍କ ଦ୍ୱାରା 1986 ଆଦେଶଟି ଜାରି କରାଯାଇଥିଲା । ସେହି 1986 ଆଦେଶର ଖଣ୍ଡ 16 ନିମ୍ନମତେ ଅଟେ: -

> "16 (1) ବୟନ ଆୟୁକ୍ତ ସମୟ ସମୟରେ ଯେକୌଣସି ଉତ୍ପାଦନକାରୀ, ଉତ୍ପାଦନକାରୀଙ୍କ ଶ୍ରେଣୀ କିମ୍ବା ସାଧାରଣ ଭାବେ ସମସ୍ତ ଉତ୍ପାଦନକାରୀଙ୍କୁ ନିମ୍ନଲିଖିତ ବିଷୟରେ ଲିଖିତ ନିର୍ଦ୍ଦେଶ ଦେଇପାରିବେ:
>
> (a) କେଉଁ ପ୍ରକାରର ବା ନିର୍ଦ୍ଦିଷ୍ଟ ମାନର କପଡ଼ା କିମ୍ବା ସୂତା ପ୍ରତ୍ୟେକ ଉତ୍ପାଦନକାରୀ କିମ୍ବା ଉତ୍ପାଦନକାରୀଙ୍କ ଶ୍ରେଣୀ କିମ୍ବା ସାଧାରଣ ଭାବେ ସମସ୍ତ ଉତ୍ପାଦନକାରୀ ଉତ୍ପାଦନ କରିବେ କିମ୍ବା କରିବେ ନାହିଁ;
>
> (b) ସେହି ଆଦେଶରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଏପରି ଉତ୍ପାଦନକାରୀ କିମ୍ବା ଉତ୍ପାଦନକାରୀଙ୍କ ଶ୍ରେଣୀ କିମ୍ବା ସାଧାରଣ ଭାବେ ସମସ୍ତ ଉତ୍ପାଦନକାରୀ କେତେ ସର୍ବାଧିକ କିମ୍ବା ସର୍ବନିମ୍ନ ପରିମାଣର କପଡ଼ା ବା ସୂତା ଉତ୍ପାଦନ କରିବେ;

(c) କୌଣସି ନିର୍ଦ୍ଦିଷ୍ଟ ଶ୍ରେଣୀ ବା ମାନର କପଡ଼ା ବା ସୂତା କାରଖାନା ମୂଲ୍ୟ, ପାଇକାରୀ କିମ୍ବା ଖୁଚୁରା ବିକ୍ରୟ ପାଇଁ ସର୍ବାଧିକ କେତେ ଦରରେ ବିକ୍ରି କରାଯିବ;

(d) କେଉଁ ନୀତି ଆଧାରରେ ଏବଂ କେଉଁ ଉପାୟରେ ଜଣେ ଉତ୍ପାଦନକାରୀଙ୍କ ଦ୍ୱାରା ଏପରି ସର୍ବାଧିକ ମୂଲ୍ୟ ନିର୍ଦ୍ଧାରଣ କରାଯାଇପାରିବ; ଏବଂ

(e) ସୂତାକୁ ଗୁଳା, କୋନ୍ କିମ୍ବା ଅନ୍ୟ କୌଣସି ଆକାରରେ ଏବଂ ସେ ଯେଉଁ ଅନୁପାତରେ ଆବଶ୍ୟକ କିମ୍ବା ଉଚିତ ମନେ କରିବେ, ସେହି ଅନୁସାରେ ପ୍ୟାକିଂ କରିବାର ପଦ୍ଧତି:

ଉଲ୍ଲେଖଥାଉକି, ଏହି ଖଣ୍ଡ ଅଧୀନରେ କୌଣସି ନିର୍ଦ୍ଦେଶ ଜାରି କରିବା ସମୟରେ ବୟନ ଆୟୁକ୍ତ ନିମ୍ନଲିଖିତ ବିଷୟଗୁଡ଼ିକ ପ୍ରତି ଧ୍ୟାନ ଦେବେ:

(i) କପଡ଼ା କିମ୍ବା ସୂତାର ଚାହିଦା;

(ii) ସାଧାରଣ ଜନତାଙ୍କ ଆବଶ୍ୟକତା;

(iii) ଏପରି କପଡ଼ା ବା ସୂତା ପାଇଁ ଶିଳ୍ପର ସ୍ୱତନ୍ତ୍ର ଆବଶ୍ୟକତା;

(iv) ବିଭିନ୍ନ ପ୍ରକାରର କପଡ଼ା କିମ୍ବା ସୂତା ଉତ୍ପାଦନ କିମ୍ବା ପ୍ୟାକିଂ କରିବା ପାଇଁ ଉତ୍ପାଦନକାରୀ କିମ୍ବା ଉତ୍ପାଦନକାରୀଙ୍କ ଶ୍ରେଣୀ କିମ୍ବା ସାଧାରଣ ଭାବେ ସମସ୍ତ ଉତ୍ପାଦନକାରୀଙ୍କ କ୍ଷମତା; ଏବଂ

(v) ସାଧାରଣ ଜନତାଙ୍କ ପାଇଁ ବହୁଳ ଭାବେ ବ୍ୟବହୃତ ହେଉଥିବା କପଡ଼ା ଉପଲବ୍ଧ କରାଇବାର ଆବଶ୍ୟକତା ।

(2) ଉପ-ଖଣ୍ଡ (1) ଅଧୀନରେ କୌଣସି ନିର୍ଦ୍ଦେଶ ଜାରି କରିବା ସମୟରେ ବୟନ ଆୟୁକ୍ତ ଏହା ମଧ୍ୟ ପ୍ରଦାନ କରିପାରିବେ ଯେ, ଉକ୍ତ ନିର୍ଦ୍ଦେଶରେ ଉଲ୍ଲେଖ ଥିବା ଅବଧି ମଧ୍ୟରେ ଉତ୍ପାଦନକାରୀ କିମ୍ବା ଉତ୍ପାଦନକାରୀଙ୍କ ଶ୍ରେଣୀ କିମ୍ବା ସାଧାରଣ ଭାବେ ସମସ୍ତ ଉତ୍ପାଦନକାରୀଙ୍କ ଦ୍ୱାରା ପ୍ୟାକିଂ କରାଯାଇଥିବା କପଡ଼ା ବା ସୂତାର ପରିମାଣ ସମ୍ବନ୍ଧରେ ଏହି ନିର୍ଦ୍ଦେଶ ପ୍ରଯୁଜ୍ୟ ହେବ ।

(3) ପ୍ରତ୍ୟେକ ଉତ୍ପାଦନକାରୀ କିମ୍ବା ଉତ୍ପାଦନକାରୀଙ୍କ ଶ୍ରେଣୀ କିମ୍ବା ସାଧାରଣ ଭାବେ ସମସ୍ତ ଉତ୍ପାଦନକାରୀ, ଯାହାଙ୍କୁ ଏକ ନିର୍ଦ୍ଦେଶ ଜାରି କରାଯାଇଛି, ସେହି ନିର୍ଦ୍ଦେଶକୁ ପାଳନ କରିବେ ।

(4) ଯଦି କୌଣସି ଉତ୍ପାଦନକାରୀ କିମ୍ବା ଉତ୍ପାଦନକାରୀଙ୍କ ଶ୍ରେଣୀ କିମ୍ବା ଅନ୍ୟଥା ଙ୍କ ଆବେଦନ ଆଧାରରେ କିମ୍ବା ଅନ୍ୟାନ୍ୟ ଭାବେ ବୟନ ଆୟୁକ୍ତ ସନ୍ତୁଷ୍ଟ ହୁଅନ୍ତି ଯେ, ତାଙ୍କ ଦ୍ୱାରା ଜାରି କରାଯାଇଥିବା କୌଣସି ନିର୍ଦ୍ଦେଶ ଏପରି କୌଣସି ଉତ୍ପାଦନକାରୀ କିମ୍ବା ଉତ୍ପାଦନକାରୀଙ୍କ ଶ୍ରେଣୀଙ୍କ ପାଇଁ ଅଯଥା କଷ୍ଟ କିମ୍ବା ଅସୁବିଧା ସୃଷ୍ଟି କରୁଛି, ତେବେ ସେ ଆଦେଶ ଦ୍ୱାରା ଏବଂ କାରଣଗୁଡ଼ିକୁ ଲିଖିତ ଭାବରେ ନଥିଭୁକ୍ତ କରି ନିର୍ଦ୍ଦେଶ ଦେଇପାରିବେ ଯେ ସେହି ନିର୍ଦ୍ଦେଶଟି ଉକ୍ତ ଉତ୍ପାଦନକାରୀ କିମ୍ବା ଉତ୍ପାଦନକାରୀଙ୍କ ଶ୍ରେଣୀଙ୍କ ପାଇଁ ଲାଗୁ ହେବ ନାହିଁ କିମ୍ବା ଆଦେଶରେ ଉଲ୍ଲେଖ ଥିବା ପରିବର୍ତ୍ତନ ସହିତ ଲାଗୁ ହେବ" ।

1986 ଆଦେଶର ଖଣ୍ଡ 16 ଅଧୀନରେ ଥିବା କ୍ଷମତାର ପ୍ରୟୋଗ କରି ବୟନ ଆୟୁକ୍ତ ଏହି ଅଧିସୂଚନା ଜାରି କରିଥିଲେ । ଅଧିସୂଚନାଟିର କାର୍ଯ୍ୟକ୍ଷମ ଅଂଶଟିକୁ ନିମ୍ନରେ ଆଉ ଥରେ ଉପସ୍ଥାପନ କରାଯାଇଛି: -

> 2. ପ୍ରତ୍ୟେକ ସୂତା ଉତ୍ପାଦନକାରୀ 1990 ମସିହା ଏପ୍ରିଲ-ସେପ୍ଟେମ୍ବର ଅବଧି ଠାରୁ ଆରମ୍ଭ ହେଉଥିବା ପ୍ରତି ଅର୍ଦ୍ଧବାର୍ଷିକ ଅବଧିରେ ଏବଂ ପରବର୍ତ୍ତୀ ପ୍ରତ୍ୟେକ ଅର୍ଦ୍ଧବାର୍ଷିକ ଅବଧିରେ ସାଧାରଣ ଉପଭୋଗ ନିମନ୍ତେ ସେ ପ୍ୟାକିଂ କରୁଥିବା ମୋଟ ସୂତାର ଅତିକମରେ 50 ପ୍ରତିଶତ ସୂତାକୁ ଗୁଳା ଆକାରରେ ପ୍ୟାକିଂ କରିବେ ।
>
> ଉଲ୍ଲେଖଥାଉକି, ଏହି ଅଧିସୂଚନାର ସଂଲଗ୍ନକ-1 ରେ ଥିବା ବର୍ଗ-1 ସମ୍ବନ୍ଧରେ, ଗୁଳା ଆକାରରେ ପ୍ୟାକିଂ ହେବାକୁ ଥିବା ସୂତା ମଧ୍ୟରୁ ଅତିକମରେ 80 ପ୍ରତିଶତ ସୂତା, 40 ର ଗଣନା କିମ୍ବା ତା'ଠାରୁ କମ୍ ହେବ:
>
> ପୁନଶ୍ଚ ଉଲ୍ଲେଖଥାଉକି, ଏକ ନିର୍ଦ୍ଦିଷ୍ଟ ଅର୍ଦ୍ଧବାର୍ଷିକ ଅବଧି ସହିତ ଜଡ଼ିତ ଏହି ଗୁଳା ସୂତା ପ୍ୟାକିଂ କରିବାର ଦାୟିତ୍ୱ ସେହି ଅବଧି ସରିବାର ପରବର୍ତ୍ତୀ ମାସ ଶେଷ ସୁଦ୍ଧା ପୂରଣ କରାଯାଇପାରିବ, ଯେଉଁ ଅବଧି ସହିତ ଏହି ଦାୟିତ୍ୱ ଜଡ଼ିତ" ।

ଏହି ପର୍ଯ୍ୟାୟରେ ଆମ୍ଭେ ପୂର୍ବ ମାମଲାକୁ ସଂକ୍ଷେପରେ ଉଲ୍ଲେଖ କରିପାରିବୁ, ଯାହା *ଶ୍ରୀ ରାଣୀ ଲକ୍ଷ୍ମୀ ଜି. ଏସ୍. ଆଣ୍ଡ ଡବ୍ଲୁ. ମିଲ୍ସ ପ୍ରାଇଭେଟ୍ ଲିମିଟେଡ୍ ଏବଂ ଅନ୍ୟମାନେ ବନାମ ବୟନ ଆୟୁକ୍ତ, ବମ୍ବେ ଏବଂ ଅନ୍ୟମାନେ,* AIR 1986 ମାଡ୍ରାସ 66 ମାମଲାରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କ ରାୟରେ ସମାପ୍ତ ହୋଇଥିଲା । *ରାଣୀ ଲକ୍ଷ୍ମୀ ମିଲ୍ସ ମାମଲାରେ,* କପା ସୂତା ବୟନ (ନିୟନ୍ତ୍ରଣ) ଆଦେଶ, 1948 [1948 ଆଦେଶ] ର ଖଣ୍ଡ 21 (5) ଏବଂ ଏହା ଅଧୀନରେ ଜାରି ହୋଇଥିବା ଜୁନ୍ 29, 1979 ର ଅଧିସୂଚନାର ସାମ୍ବିଧାନିକ ବୈଧତାକୁ ଆପତ୍ତି କରାଯାଇଥିଲା । ଉକ୍ତ ଅଧିସୂଚନାଟି ବର୍ତ୍ତମାନ ଆମ୍ଭ ସମ୍ମୁଖରେ ଥିବା ଅପିଲଗୁଡ଼ିକର ଅଧିସୂଚନା ସହିତ ପ୍ରାୟ ସମାନ ଥିଲା । 1948 ଆଦେଶର ଖଣ୍ଡ 21 (5) ନିମ୍ନମତେ ଥିଲା: -

> "(5) ବୟନ ଆୟୁକ୍ତ, ସାଧାରଣ କିମ୍ବା ବିଶେଷ ଆଦେଶ ମାଧ୍ୟମରେ, ଯେକୌଣସି ଉତ୍ପାଦନକାରୀ କିମ୍ବା ଉତ୍ପାଦନକାରୀଙ୍କ ଶ୍ରେଣୀକୁ ସୂତାକୁ ଗୁଳା, କୋନ୍ କିମ୍ବା ଅନ୍ୟ କୌଣସି ଆକାରରେ ଏବଂ ସେ ଯେଉଁ ଅନୁପାତରେ ଆବଶ୍ୟକ କିମ୍ବା ଉଚିତ ମନେ କରିବେ, ସେହି ଅନୁସାରେ ପ୍ୟାକିଂ କରିବାକୁ ନିର୍ଦ୍ଦେଶ ଦେଇପାରିବେ: ଏବଂ ତାହା ପରେ ସେହି ଉତ୍ପାଦନକାରୀମାନେ କିମ୍ବା ଉତ୍ପାଦନକାରୀଙ୍କ ଶ୍ରେଣୀ ଉକ୍ତ ନିର୍ଦ୍ଦେଶ ପାଳନ କରିବାକୁ ବାଧ୍ୟ ହେବେ" ।

ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଏହା ଯୁକ୍ତି କରାଯାଇଥିଲା ଯେ, 1948 ଆଦେଶର ଖଣ୍ଡ 21 (5) ବୟନ ଆୟୁକ୍ତଙ୍କ କ୍ଷମତା ପ୍ରୟୋଗ ପାଇଁ କୌଣସି ମାର୍ଗଦର୍ଶିକା ପ୍ରଦାନ କରିନଥିଲା ଏବଂ ସେହିପରି ଭାବେ ଏହା ମନମୁଖୀ ଥିଲା ଏବଂ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 14 ର ଉଲ୍ଲଂଘନ କରୁଥିଲା । ଉଚ୍ଚ ନ୍ୟାୟାଳୟ ଏହି ଯୁକ୍ତିକୁ ଗ୍ରହଣ କରିଥିଲେ ଏବଂ ନିମ୍ନଲିଖିତ କାରଣ ଦର୍ଶାଇ 1948 ଆଦେଶର ଖଣ୍ଡ 21 (5) କୁ ରଦ୍ଦ କରିଦେଇଥିଲେ: -

> "ତେଣୁ ଖଣ୍ଡ 21 (5) ର ବ୍ୟବସ୍ଥାକୁ ପଢ଼ିଲେ ଜଣାପଡୁଛି ଯେ, ସେହି ଖଣ୍ଡ ଅଧୀନରେ ଥିବା ପ୍ରାବଧାନଟି ସମ୍ପୂର୍ଣ୍ଣ ଅନିୟନ୍ତ୍ରିତ କ୍ଷମତା ପ୍ରଦାନ କରୁଛି, ଏବଂ ଯାହା ଆବଶ୍ୟକ କିମ୍ବା ଉଚିତ ମନେହେବ ସେ ତାହା କରିବେ – ଏହି ଆଧାରରେ ଏହା କେବଳ ଏକ ମନମୁଖୀ କ୍ଷମତା ବୋଲି ବର୍ଣ୍ଣନା କରାଯାଇପାରିବ" ।

ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କ ରାୟ ବିରୁଦ୍ଧରେ ବିଶେଷ ଅନୁମତି ଆବେଦନ ସଂଖ୍ୟା 12569-92/84 ଗୁଡ଼ିକୁ ଫେବୃଆରୀ 21, 1991 ରେ ଏହି ନ୍ୟାୟାଳୟଙ୍କ ଦ୍ୱାରା ଖାରଜ କରାଯାଇଥିଲା ।

*ରାଣୀ ଲକ୍ଷ୍ମୀ ମିଲ୍ସ ମାମଲାରେ* ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କ ରାୟ ଯୋଗୁଁ 1948 ଆଦେଶକୁ ରଦ୍ଦ କରାଯାଇଥିଲା ଏବଂ 1986 ଆଦେଶ ଜାରି କରାଯାଇଥିଲା । 1986 ଆଦେଶର ଖଣ୍ଡ 16 (1) ବୟନ ଆୟୁକ୍ତଙ୍କୁ ସୂତାକୁ ଗୁଳା, କୋନ୍ କିମ୍ବା ଅନ୍ୟ କୌଣସି ଆକାରରେ ଏବଂ ସେ ଯେଉଁ ଅନୁପାତରେ ଆବଶ୍ୟକ କିମ୍ବା ଉଚିତ ମନେ କରିବେ ସେହି ଅନୁସାରେ ପ୍ୟାକିଂ କରିବା ପାଇଁ ନିର୍ଦ୍ଦେଶ ଦେବାର କ୍ଷମତା ପ୍ରଦାନ କରେ । ଖଣ୍ଡ 16 (1) ର ପ୍ରାବଧାନ ବୟନ ଆୟୁକ୍ତଙ୍କ ଦ୍ୱାରା କ୍ଷମତା ପ୍ରୟୋଗର ସମ୍ପୂର୍ଣ୍ଣ ମାର୍ଗଦର୍ଶିକା ଧାର୍ଯ୍ୟ କରେ ।

*ରାଣୀ ଲକ୍ଷ୍ମୀ ମିଲ୍ସ ମାମଲା* ଉପରେ ନିର୍ଭର କରି ଅପିଲକାରୀମାନଙ୍କ ପାଇଁ ବିଜ୍ଞ ଅଧିବକ୍ତା ଯୁକ୍ତି କରିଛନ୍ତି ଯେ ସମାନ ଧରଣର ଅଧିସୂଚନାକୁ ମାଡ୍ରାସ ଉଚ୍ଚ ନ୍ୟାୟାଳୟ ରଦ୍ଦ କରିଥିବାରୁ ଏବଂ ଏହି ନ୍ୟାୟାଳୟଙ୍କ ସେହି ରାୟକୁ କାୟମ ରଖିଥିବାରୁ, ଉତ୍ତରଦାତାମାନେ ସେହି ରାୟ ଦ୍ୱାରା ବାଧ ଅଟନ୍ତି ଏବଂ ସମାନ ସର୍ତ୍ତରେ ନୂତନ ଅଧିସୂଚନା ଜାରି କରିବାକୁ ବୟନ ଆୟୁକ୍ତଙ୍କର କୌଣସି ପ୍ରାଧିକାର ନଥିଲା । ଯାହା ହେଉନା କାହିଁକି, ବିଜ୍ଞ ଅଧିବକ୍ତାଙ୍କ କହିବା ଅନୁଯାୟୀ, ଆକ୍ଷେପିତ ଅଧିସୂଚନାଟି ମଧ ସମାନ ଆଧାରରେ ରଦ୍ଦ ହେବା ଯୋଗ୍ୟ । ଆମ୍ଭେ ବିଜ୍ଞ ଅଧିବକ୍ତାଙ୍କ ସହ ସହମତ ନାହୁଁ । ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ରଦ୍ଦ କରାଯାଇଥିବା ଅଧିସୂଚନା 1948 ଆଦେଶର ଖଣ୍ଡ 21 (5) ଅଧୀନରେ ଜାରି କରାଯାଇଥିଲା । ଉଚ୍ଚ ନ୍ୟାୟାଳୟ 1948 ଆଦେଶର ଖଣ୍ଡ 21 (5) କୁ ଅସାମ୍ବିଧାନିକ ବୋଲି ଦର୍ଶାଇଥିଲେ ଏବଂ ଫଳସ୍ୱରୂପ 1979 ମସିହା ଜୁନ୍ 29 ତାରିଖର ଅଧିସୂଚନାକୁ ରଦ୍ଦ କରିଦେଇଥିଲେ । ବର୍ତ୍ତମାନର ଅଧିସୂଚନା 1986 ଆଦେଶର ଖଣ୍ଡ 16 (1) ଅଧୀନରେ ଜାରି କରାଯାଇଛି । 1948 ଆଦେଶର ଖଣ୍ଡ 21 (5) ର ବିପରୀତ, 1986 ଆଦେଶର ଖଣ୍ଡ 16 (1) ର ପ୍ରାବଧାନ ବୟନ ଆୟୁକ୍ତଙ୍କୁ ଏହା ଅଧୀନରେ ପରିକଳ୍ପିତ ନିର୍ଦ୍ଦେଶାବଳୀ ଜାରି କରିବାକୁ ସମ୍ପୂର୍ଣ୍ଣ ମାର୍ଗଦର୍ଶିକା ପ୍ରଦାନ କରିଛି । ତେଣୁ, ମାଡ୍ରାସ ଉଚ୍ଚ ନ୍ୟାୟାଳୟରେ ଆବେଦନକାରୀମାନଙ୍କ ପାଇଁ ଉପଲବ୍ଧ ଥିବା ଯୁକ୍ତିର ଆଧାର, ଆମ୍ଭ ସମ୍ମୁଖରେ ଅପିଲକାରୀମାନଙ୍କ ପାଇଁ ବର୍ତ୍ତମାନ ଉପଲବ୍ଧ ନାହିଁ । ସେଥିପାଇଁ, *ରାଣୀ ଲକ୍ଷ୍ମୀ ମିଲ୍ସ ମାମଲାରେ* ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କ ରାୟ ଆଧାରରେ ଥିବା ଏହି ଯୁକ୍ତିକୁ ଆମ୍ଭେ ପ୍ରତ୍ୟାଖ୍ୟାନ କରୁଛୁ ।

ଅପିଲକାରୀମାନଙ୍କ ପାଇଁ ବିଜ୍ଞ ଅଧିବକ୍ତା ଶ୍ରୀ ଭେଣୁଗୋପାଳ ଏବଂ ଶ୍ରୀ ବୈଦ୍ୟନାଥନ ଏହା ପରେ ଯୁକ୍ତି କରିଛନ୍ତି ଯେ ଅପିଲକାରୀମାନେ ଗୁଳା ସୂତା ଉତ୍ପାଦନ କରନ୍ତି ନାହିଁ । ଯୁକ୍ତିଟି ହେଉଛି, ଯେଉଁ ଜିନିଷ ପାଇଁ ଅପିଲକାରୀମାନେ ଆବଶ୍ୟକ ଯନ୍ତ୍ରପାତି ଏବଂ ଅନ୍ୟାନ୍ୟ ଭିତ୍ତିଭୂମି

ସ୍ଥାପନ କରିନାହାନ୍ତି, ତାହା ଉତ୍ପାଦନ କରିବାକୁ ଉତ୍ତରଦାତାମାନେ ସେମାନଙ୍କୁ ବାଧ୍ୟ କରିପାରିବେ ନାହିଁ । ବିଜ୍ଞ ଅଧିବକ୍ତାଙ୍କ କହିବା ଅନୁଯାୟୀ, ଏହି ଅଧିସୂଚନା ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 19 (1) (g) ଅଧୀନରେ ଥିବା ସେମାନଙ୍କର ମୌଳିକ ଅଧିକାରକୁ କ୍ଷୁଣ୍ଣ କରୁଛି । ଆମ୍ଭେ ଏହି ଯୁକ୍ତିରେ କୌଣସି ଦୃଢତା ଦେଖୁନାହୁଁ । ଏହି ଦେଶରେ ବୟନ ଶିଳ୍ପ ହେଉଛି କୃଷି ପରେ ଦ୍ୱିତୀୟ ବୃହତ୍ତମ ଶିଳ୍ପ, ଯାହା ଲକ୍ଷ ଲକ୍ଷ ଲୋକଙ୍କୁ ନିଯୁକ୍ତି ପ୍ରଦାନ କରିଥାଏ । ମୋଟ ଶିଳ୍ପ ଉତ୍ପାଦନର 20 ପ୍ରତିଶତ ଏହି ଶିଳ୍ପରୁ ଆସିଥାଏ । ଏହି ଅପିଲକାରୀ-କଳଗୁଡ଼ିକ ଆନ୍ଧ୍ର ପ୍ରଦେଶ ରାଜ୍ୟର ବୟନ ଶିଳ୍ପର ଅଂଶବିଶେଷ । ଉଚ୍ଚ ନ୍ୟାୟାଳୟରେ ଦାଖଲ କରିଥିବା ସେମାନଙ୍କର ଲିଖିତ ବିବୃତ୍ତିରେ ଉତ୍ତରଦାତାମାନେ ଅପିଲକାରୀ-କଳ ଦ୍ୱାରା କରାଯାଉଥିବା ସୂତା କଟା ଏବଂ ପ୍ୟାକିଂ ପ୍ରକ୍ରିୟାକୁ ବିସ୍ତୃତ ଭାବେ ବୁଝାଇଛନ୍ତି । ଉତ୍ତରଦାତାମାନଙ୍କ କହିବା ଅନୁଯାୟୀ, ଅପିଲକାରୀମାନେ ପୂର୍ବରୁ ଯାହା ଉତ୍ପାଦନ କରୁନାହାଁନ୍ତି ତାହା କରିବାକୁ ସେମାନଙ୍କୁ ବାଧ୍ୟ କରାଯାଉଛି ବୋଲି କହିବା ଭୁଲ୍ । ସୂତା କାଟିବାର ପାଞ୍ଚଟି ପର୍ଯ୍ୟାୟ (ବ୍ଲୋ-ରୁମ୍, କାର୍ଡିଂ, ଡ୍ରଇଂ, ସିମ୍ପ୍ଲେକ୍ସ ଏବଂ ରିଙ୍ଗ୍ ଫ୍ରେମ୍) ସମସ୍ତଙ୍କ ପାଇଁ ସମାନ ଅଟେ ଏବଂ ଏହା ପରେ ହିଁ ରିଙ୍ଗ ଫ୍ରେମ୍ କପ୍‌ଗୁଡ଼ିକୁ ଗୁଳା କିମ୍ବା କୋନ୍ ଆକାରରେ ପ୍ୟାକିଂ କରାଯାଏ । ଉତ୍ତରଦାତାମାନେ ଏହି ଆକ୍ଷେପିତ ଅଧିସୂଚନା ଜାରି କରିବାର ଯଥାର୍ଥ କାରଣଗୁଡ଼ିକୁ ଦର୍ଶାଇଛନ୍ତି । ଆମ୍ଭେ ତାହାକୁ ସଂକ୍ଷେପରେ ଉଲ୍ଲେଖ କରୁଛୁ ।

ବୟନ ଶିଳ୍ପ ତିନୋଟି ଉଦ୍ୟୋଗକୁ ନେଇ ଗଠିତ, ଯଥା- କଳ-ଉଦ୍ୟୋଗ, କଳତନ୍ତ ଉଦ୍ୟୋଗ ଏବଂ ହସ୍ତତନ୍ତ ଉଦ୍ୟୋଗ । ଏହି ଶିଳ୍ପର ପ୍ରାଥମିକ ଉତ୍ପାଦ ହେଉଛି ସୂତା । ଏହା କେବଳ କଳ-ଉଦ୍ୟୋଗ ଦ୍ୱାରା ଉତ୍ପାଦିତ ହୁଏ । କଳତନ୍ତ ଉଦ୍ୟୋଗ ଏବଂ ହସ୍ତତନ୍ତ ଉଦ୍ୟୋଗ କପଡ଼ା ତିଆରି କରନ୍ତି ଏବଂ ସେମାନେ ସୂତା ପାଇଁ କଳ-ଉଦ୍ୟୋଗ ଉପରେ ନିର୍ଭର କରନ୍ତି । ସୂତା ଦୁଇଟି ଆକାରରେ ପ୍ୟାକିଂ ହୁଏ, ଯଥା - କୋନ୍ ଏବଂ ଗୁଳା । କୋନ୍ ଆକାର ସମ୍ପୂର୍ଣ୍ଣ ଭାବରେ କଳତନ୍ତ ଉଦ୍ୟୋଗ ଦ୍ୱାରା ଏବଂ ଗୁଳା ଆକାର ହସ୍ତତନ୍ତ ଉଦ୍ୟୋଗ ଦ୍ୱାରା ବ୍ୟବହୃତ ହୁଏ । ହସ୍ତତନ୍ତ ଶିଳ୍ପ ହେଉଛି ଭାରତର ସର୍ବବୃହତ କୁଟୀର ଶିଳ୍ପ । ଦେଶର ପ୍ରାୟ ଏକ ତୃତୀୟାଂଶ କପଡ଼ାର ଆବଶ୍ୟକତା ଏହି ଉଦ୍ୟୋଗ ଦ୍ୱାରା ପୂରଣ ହୋଇଥାଏ । ରାଷ୍ଟ୍ରୀୟ ହସ୍ତତନ୍ତ ଗଣନା, 1987-88 ଅନୁଯାୟୀ, ସାରା ଦେଶରେ 39 ଲକ୍ଷ ହସ୍ତତନ୍ତ ଥିଲା, ଯେଉଁଥିରୁ 30 ଲକ୍ଷ କପା କପଡ଼ା ଉତ୍ପାଦନରେ ନିୟୋଜିତ ଥିଲେ । ଏହି ହସ୍ତତନ୍ତ ଉଦ୍ୟୋଗ 1988-89 ମସିହାରେ 84 ଲକ୍ଷ ଲୋକଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି ଏବଂ ଲକ୍ଷ ଲକ୍ଷ ଲୋକଙ୍କୁ ପରୋକ୍ଷ ନିଯୁକ୍ତି ପ୍ରଦାନ କରିଥିଲା । ସପ୍ତମ

ପଞ୍ଚବାର୍ଷିକ ଯୋଜନାରେ ହସ୍ତତନ୍ତ ଉଦ୍ୟୋଗ ପାଇଁ ଉତ୍ପାଦନ ଲକ୍ଷ୍ୟ 460 କୋଟି ମେଟ୍ରିକ ଟନ ଥିଲା । ଏହି ଉତ୍ପାଦନ ଲକ୍ଷ୍ୟ ହାସଲ କରିବା ପାଇଁ ଅତିକମରେ 460 କୋଟି କିଲୋଗ୍ରାମ ଗୁଳା ସୂତା ଆବଶ୍ୟକ ଥିଲା । 1988 ମସିହାରେ ହସ୍ତତନ୍ତ, କଳତନ୍ତ ଏବଂ କଳ ଉଦ୍ୟୋଗରେ ନିଯୁକ୍ତି ପାଇଥିବା ଲୋକଙ୍କ ସଂଖ୍ୟା ଯଥାକ୍ରମେ 84.22, 50.95 ଏବଂ 11.81 ଲକ୍ଷ ଥିଲା । ଅଷ୍ଟମ ପଞ୍ଚବାର୍ଷିକ ଯୋଜନାରେ ହସ୍ତତନ୍ତ ଉଦ୍ୟୋଗ ପାଇଁ ଉତ୍ପାଦନ ଲକ୍ଷ୍ୟ 700 କୋଟି ମେଟ୍ରିକ ଟନ ରଖାଯାଇଛି । ଏହି ଲକ୍ଷ୍ୟ ହାସଲ କରିବା ପାଇଁ 56.1 କୋଟି କିଲୋଗ୍ରାମର ଗୁଳା ସୂତା ଆବଶ୍ୟକ । ଉକ୍ତ ଆବଶ୍ୟକତା ତୁଳନାରେ, ମାତ୍ର 35.5 କୋଟି କିଲୋଗ୍ରାମର କପା ସୂତା ଗୁଳା ଆକାରରେ ପ୍ୟାକିଂ କରାଯାଉଛି । ଉତ୍ତରଦାତାମାନଙ୍କ ମତରେ, ଚାହିଦା ଏବଂ ଯୋଗାଣ ମଧ୍ୟରେ ଏକ ବଡ଼ ବ୍ୟବଧାନ ରହିଛି । ଏହା ବଜାରରେ ସୂତାର ଅଭାବ ସୃଷ୍ଟି କରେ ଏବଂ ଫଳସ୍ୱରୂପ ମୂଲ୍ୟ ବୃଦ୍ଧିର କାରଣ ହୁଏ । ଆହୁରି ମଧ୍ୟ, ଏହା ଫଳରେ ହସ୍ତତନ୍ତ ଉଦ୍ୟୋଗରେ ବେକାରୀ ସମସ୍ୟା ସୃଷ୍ଟି ହୁଏ । ଉଚିତ ମୂଲ୍ୟରେ ଗୁଣବତ୍ତା ବିଶିଷ୍ଟ ପର୍ଯ୍ୟାପ୍ତ ଗୁଳା ସୂତା ଉପଲବ୍ଧ କରାଇବା ଏବଂ ହସ୍ତତନ୍ତ କର୍ମୀମାନଙ୍କ ଜୀବିକା ରକ୍ଷା ନିମନ୍ତେ, ସୂତା ଉତ୍ପାଦନକାରୀମାନଙ୍କୁ ସେମାନଙ୍କ ଉତ୍ପାଦନର ଏକ ନିର୍ଦ୍ଦିଷ୍ଟ ଶତକଡ଼ା ଭାଗ ସାଧାରଣ ଉପଭୋଗ ନିମନ୍ତେ ଗୁଳା ଆକାରରେ ପ୍ୟାକିଂ କରିବାକୁ ବାଧ୍ୟତାମୂଳକ କରି ହସ୍ତତନ୍ତ ଉଦ୍ୟୋଗ ପାଇଁ ଗୁଳା ସୂତା ସଂରକ୍ଷଣ କରିବା ଆବଶ୍ୟକ ହୋଇପଡ଼ିଥିଲା ।

ଆମ୍ଭେ ସନ୍ତୁଷ୍ଟ ଯେ ଏହି ଆକ୍ଷେପିତ ଅଧିସୂଚନାଟି ସାଧାରଣ ଜନତାଙ୍କ ସ୍ୱାର୍ଥରେ ଏବଂ ବୟନ ଶିଳ୍ପର ବୃହତ୍ତର ସ୍ୱାର୍ଥରେ ଜାରି କରାଯାଇଛି ।

ଏହା ବିବାଦୀୟ ନୁହେଁ ଯେ, ଅପିଲକାରୀମାନଙ୍କୁ ଦିଆଯାଇଥିବା ଶିଳ୍ପ ଲାଇସେନ୍ସର ଖଣ୍ଡ 4 ଅନୁଯାୟୀ ଏକ ସର୍ତ୍ତ ଥିଲା ଯେ -

> "ଗୁଳା ଆକାରରେ ସୂତା ପ୍ୟାକିଂ ଏବଂ ଗଣନା ଅନୁସାରେ ଉତ୍ପାଦନ, ସେହି ସମୟରେ ବଳବତ୍ତର ଥିବା ନୀତି ଏବଂ ସେହି ସମ୍ବନ୍ଧରେ ବୟନ ଆୟୁକ୍ତଙ୍କ ଦ୍ୱାରା ସମୟ ସମୟରେ ଜାରି କରାଯାଉଥିବା ନିର୍ଦ୍ଦେଶ ଅନୁଯାୟୀ ହେବ" ।

ଅପିଲକାରୀମାନେ ଲାଇସେନ୍ସ ନେବା ସମୟରେ ଉପରୋକ୍ତ ସର୍ତ୍ତକୁ ଗ୍ରହଣ କରିଥିବାରୁ, ଏବେ ସେମାନେ ସେଥିରୁ ଓହରି ଯାଇ କହିପାରିବେ ନାହିଁ ଯେ ସେମାନେ ଏଥିପାଇଁ ବାଧ୍ୟ ନୁହଁନ୍ତି ।

ଶ୍ରୀ ବୈଦ୍ୟନାଥନ ଆହୁରି ଯୁକ୍ତି କରିଥିଲେ ଯେ ଏହି ଆକ୍ଷେପିତ ଅଧିସୂଚନା ଅନୁଯାୟୀ, ଅସମାନ ଲୋକମାନଙ୍କୁ ସମାନ ଭାବରେ ବିବେଚନା କରାଯାଇଛି । ତାଙ୍କ ମତରେ, ବିଭିନ୍ନ କାରଖାନାରେ ଭିନ୍ନ ଭିନ୍ନ ଯନ୍ତ୍ରପାତି ଲଗାଯାଇଛି ଏବଂ ଭିନ୍ନ ଭିନ୍ନ ଉପକରଣ ରହିଛି । ଯୁକ୍ତି ହେଉଛି ଏହା ଯେ ଏହି ଆକ୍ଷେପିତ ଅଧିସୂଚନା ଅନୁଚ୍ଛେଦ 14 ର ଉଲ୍ଲଂଘନ କରୁଛି, କାରଣ ଏହାକୁ ସେହି କାରଖାନାଗୁଡ଼ିକ ପାଇଁ ସମାନ ଭାବେ ଲାଗୁ କରାଯାଇଛି, ଯେଉଁଗୁଡ଼ିକର ଗୁଳା ସୂତା ଉତ୍ପାଦନ କରିବାର ସମାନ କ୍ଷମତା ନାହିଁ । ଏହି ଯୁକ୍ତିରେ ଆମ୍ଭେ କୌଣସି ଦୃଢତା ପାଉନାହୁଁ । ଏହି ଆକ୍ଷେପିତ ଅଧିସୂଚନାଟି ସମସ୍ତ ସୂତା ଉତ୍ପାଦନକାରୀଙ୍କ ପାଇଁ ସମାନ ଭାବେ ଲାଗୁ କରାଯାଇଛି । ସମ୍ପୃକ୍ତ କଳ ଦ୍ୱାରା ପ୍ୟାକିଂ କରାଯାଉଥିବା ମୋଟ ସୂତାକୁ ଦୃଷ୍ଟିରେ ରଖି, ଅଧିସୂଚନାରେ ଦିଆଯାଇଥିବା ଅନୁପାତରେ ଅପିଲକାରୀମାନଙ୍କୁ ଗୁଳା ଆକାରରେ ସୂତା ପ୍ୟାକିଂ କରିବା ଆବଶ୍ୟକ । ଯାହା ହେଉନା କାହିଁକି, ବୟନ ଆୟୁକ୍ତଙ୍କ ଦ୍ୱାରା ମେ 11, 1990 ରେ ଜାରି କରାଯାଇଥିବା ପ୍ରେସ ନୋଟ୍ ମାଧ୍ୟମରେ ଅପିଲକାରୀମାନଙ୍କ ସମସ୍ୟାକୁ ଯଥେଷ୍ଟ ପରିମାଣରେ ହ୍ରାସ କରାଯାଇଛି । ପ୍ରାସଙ୍ଗିକ ଅଂଶଟିକୁ ନିମ୍ନରେ ଉପସ୍ଥାପନ କରାଯାଇଛି: -

> "2. ଅନ୍ୟ ଏକ ଉତ୍ପାଦନକାରୀଙ୍କ ବଳକା ଗୁଳା ସୂତା ପ୍ୟାକିଂକୁ ହସ୍ତାନ୍ତର କରି ନିଜର ଗୁଳା ସୂତା ଉତ୍ପାଦନର ଦାୟିତ୍ୱ ପୂରଣ କରିବାର ପୂର୍ବବର୍ତ୍ତୀ ରିହାତିକୁ ସରକାର ବର୍ତ୍ତମାନ ପୁନର୍ବାର ପ୍ରତିଷ୍ଠା କରିଛନ୍ତି । ଦ୍ୱିତୀୟତଃ, କେନ୍ଦ୍ରୀୟ ଅବକାରୀ କର୍ତ୍ତୃପକ୍ଷଙ୍କ ଅନୁମତି କ୍ରମେ ଏବଂ ହସ୍ତତନ୍ତ ବୁଣାକାର ବହୁଳ ଅଞ୍ଚଳରେ ରାଜ୍ୟ ହସ୍ତତନ୍ତ ନିଗମ ଏବଂ ଶୀର୍ଷ ହସ୍ତତନ୍ତ ସମବାୟ ସଂଗଠନଗୁଡ଼ିକର ବ୍ୟବସ୍ଥା ମାଧ୍ୟମରେ, ସରକାର ଜଣେ ଉତ୍ପାଦନକାରୀଙ୍କୁ ଅଧିକ ରିଲିଂ କ୍ଷମତା ଥିବା ଅନ୍ୟ ଜଣେ ଉତ୍ପାଦନକାରୀଙ୍କ ଦ୍ୱାରା ଗୁଳା ସୂତାର ରିଲିଂ କରାଇବା ପାଇଁ ମଧ୍ୟ ଅନୁମତି ଦେଇଛନ୍ତି" ।

ଉଚ୍ଚ ନ୍ୟାୟାଳୟଙ୍କ ଏହି ରାୟରେ ହସ୍ତକ୍ଷେପ କରିବାର କୌଣସି କାରଣ ଆମ୍ଭେ ପାଉନାହୁଁ । ତେଣୁ, ଆମ୍ଭେ ଖର୍ଚ୍ଚ ସହିତ ଅପିଲଗୁଡ଼ିକୁ ଖାରଜ କରୁଛୁ । ଆମ୍ଭେ ପ୍ରତ୍ୟେକ ଅପିଲକାରୀଙ୍କୁ ଖର୍ଚ୍ଚକୁ ବାବଦକୁ 5000 ଟଙ୍କା ଦେବାକୁ ଆକଳନ କରୁଛୁ ।

ଜି.ଏନ୍. ଅପିଲଗୁଡ଼ିକୁ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***ଭାଷାନ୍ତର :***

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**